





# ସୁପ୍ରଭାତ ସକାଳ

ଭଦ୍ରକ, ରବିବାର, ୨୦, ମଇ , ୨୦୧୮




## ବୁଢିଆଣୀ ପ୍ରଜାତି



ଏହି ସମୟରେ ମାଇ ବୁଢିଆଣୀ ଅଣ୍ଡିରା ବୁଢିଆଣୀକୁ ନିଜ ଆଡକୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ କୌଶଳ ଆପଣେଇଥାଏ । କେତେକ ପ୍ରଜାତିର ବୁଢିଆଣୀ ଅଛନ୍ତି ଯେଉଁମାନେ କି ପାଣି ଉପରେ ଅନାୟାସରେ ଚାଲିପାରନ୍ତି । ପ୍ରାଣୀ ବିଜ୍ଞାନୀମାନଙ୍କ ଅନୁସାରେ ଏଗୁଡିକୁ ରାଫ୍ଟ ସ୍ପାଇଡର୍ କୁହାଯାଏ । ଆଉ କିଛି ପ୍ରଜାତିର ବୁଢିଆଣୀ ଅଛନ୍ତି ଯେଉଁମାନେ ନିଜ ଶରୀରକୁ ବିଭିନ୍ନ ରଙ୍ଗରେ ଚିତ୍ରିତ କରିପାରନ୍ତି । ଶିକାରକୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ସେମାନେ ନିଜ ଶରୀରକୁ ଚିତ୍ର ବିଚିତ୍ର କରିଥାଆନ୍ତି । କେତେକ ପ୍ରଜାତିର ବୁଢିଆଣୀ ଜାଲର ସୂତା ଷ୍ଟିଲ୍ ତାର ତୁଳନାରେ ବି ଅଧିକ ମଜବୁତ । କିଛି ପ୍ରଜାତିର ବୁଢିଆଣୀଙ୍କର ଆଠଟି ଆଖି ଥାଏ । ଶିକାର ପଛପଟେ ଥିଲେ ବି ଏହି ପ୍ରଜାତିର ବୁଢିଆଣୀମାନେ ସହଜରେ ତାହା ଠାବ କରିପାରନ୍ତି । କେବଳ ଇଂଲଣ୍ଡରେ ୬୦୦ରୁ ଅଧିକ ପ୍ରଜାତିର ବୁଢିଆଣୀ ବାସ କରନ୍ତି । କିଛି କିଛି ବିଷାକ୍ତ ପ୍ରଜାତିର ବୁଢିଆଣୀ ଅଛନ୍ତି ଯେଉଁମାନଙ୍କ ଦଂଶନରେ ମଣିଷର ମୃତ୍ୟୁ ହେବାର ଆଶଙ୍କା ଥାଏ । ଅନେକ ପ୍ରକାରର ବୁଢିଆଣୀ ଅଛନ୍ତି ଯେଉଁମାନେ ଅତି ସହଜରେ ନିଜ ଶରୀରର ରଙ୍ଗ ପରିବର୍ତ୍ତନ କରିପାରନ୍ତି ।

## ରୋବଟ କଲା ଅସ୍ତ୍ରୋପଚାର

ପୂର୍ବରୁ ଏହି ପୃଷ୍ଠାରେରୋବଟର କାରନାମା ସମ୍ପର୍କରେ ଅନେକ ଖବର ପ୍ରକାଶିତ ହୋଇଥିବା ବେଳେ ଏବେ ଆସନ୍ତୁ ଜାଣିବା ସେମିତି ଆଉ ଏକ ରୋମାଞ୍ଚକର ଘଟଣା ବିଷୟରେ । ନିକଟରେ ଏକ ରୋବଟ ଦ୍ୱାରା ମଣିଷର ଅସ୍ତ୍ରୋପଚାର ହୋଇଛି । ଲଣ୍ଡନର ବାଲ୍‌ବରହାମ୍ପ୍ଟେନସ୍ଥିତ ନ୍ୟୁ କ୍ରସ୍ ହସ୍ପିଟାଲରେ ଏକ ଡକ୍ତରୀ ଦଳ ଅପରେସନ ପାଇଁ ଦା ଭିନ୍ସି ରୋବଟର ବ୍ୟବହାର କରିଥିଲେ । ସ୍ୱଚ୍ଛ କ୍ୟାମେରା ଜରିଆ ନିୟନ୍ତ୍ରଣ କକ୍ଷ ମଧ୍ୟରେ ବସି ସେମାନେ ଏହି ଅସ୍ତ୍ରୋପଚାରର ସଞ୍ଚାଳନ କରିଥିଲେ । ୨୨ ବର୍ଷୀୟ ନଟଲି ଜୋନ୍ସଙ୍କର ହୃତପିଣ୍ଡରେ ଥିବା ଏକ ଛିଦ୍ରାଂଶର ଚିକିତ୍ସା କରିବାକୁ ଯାଇ ଅପରେସନ କରିବାକୁ ପଡିଥିଲା । ଏମିତିରେ ଶରୀରର କୌଣସି କ୍ଷତି ନହେବା ସହ ସ୍ୱଳ୍ପ ସମୟ ମଧ୍ୟରେ ଅସ୍ତ୍ରୋପଚାର ରହୋଇପାରିବ ବୋଲି ଗବେଷକଙ୍କ ମତ । ସାଧାରଣତଃ କୌଣସି ଜଟିଳ ଅପରେସନ ପରେ କର୍ଯ୍ୟକ୍ଷେତ୍ରକୁ ଫେରିବା ପାଇଁ ୬ରୁ ୮ ମାସ ସମୟ ଲାଗିଯାଏ । ତେବେ ଏହି ରୋବଟ ଦ୍ୱାରା ହୋଇଥିବା ଶରୀର ଚିକତ୍ସାର ୨-୩ ମାସ ମଧ୍ୟରେ ଜଣେ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିବ । ସ୍ୱିଡେନ ଏବଂ ଫିଲାଣ୍ଡ ପରେ ତୃତୀୟ ଉଇରୋପୀୟ ଦେଶ ଭାବେ ବ୍ରିଟେନରେ ହୃତପିଣ୍ଡର ଅସ୍ତ୍ରୋପଚାର ପାଇଁ ରୋବଟର ଉପଯୋଗ କରାଯାଇଛି ।



## ଦେଖିଚାହିଁ ଖାଆନ୍ତୁ ଖାଦ୍ୟ

ବିବାହ ଋତୁ ନିକଟେଇ ଆସିଲାଣି । ଚାରିଆଡେ ଜମିବ ନାଚଗୀତର ଆସର, ଭୋଜିଭାତ ଖିଆପିଆ ମଉଜ ମସ୍ତି । ହେଲେ ଏସବୁ ଦେକିଚାହିଁ କରନ୍ତୁ,ମାନେ ଖାଇବା ପୂର୍ବରୁ ଚିନ୍ତା କରନ୍ତୁ କେଉଁ ଖାଦ୍ୟ କେତେବେଳେ ଖିଆଯିବ । କେଉଁ ଖାଦ୍ୟ ସହିତ କେଉଁ ଖାଦ୍ୟକୁ ଏକାଠି ଖିଆଯିବ ନାହିଁ । ବିବାହ ଋତୁ ପାଖେଇ ଆସିଲାଣି । ବିବାହ ଉତ୍ସବରେ ଜମିବ ନାଚଗୀତର ଆସର । ତା ସହିତ ମନଲୋଭ ଖାଦ୍ୟପାନୀୟର ସମ୍ଭାର । ଅନ୍ୟମାନଙ୍କ ଭଳି ଆପଣ ମଧ୍ୟ ବିବାହ ଭୋଜିରୁ ବିଭିନ୍ନ ସୌଖୀନ ଖାଦ୍ୟ ପ୍ରତି ସମେସ୍ତ ଆକର୍ଷିତ ହୋଇପଡିବା ସ୍ୱାଭାବିକ । ଏହି ଖାଦ୍ୟ କିନ୍ତୁ ପରମୁହୂର୍ତ୍ତରେ ଆପଣଙ୍କ ପାଇଁ ଘଣତକ ସାବ୍ୟସ୍ତ ହୋଇପାରେ । ଏପରିକି ଏହା ପ୍ରାଣହାନୀ ଭଳି ଜଟିଳ ସମସ୍ୟା ସୃଷ୍ଟି କରିଥାଏ । ଯାହା ଅତ୍ୟନ୍ତ ପୀଡାଦାୟକ । ତାହାର କାରଣ ହେଲା ବିଭିନ୍ନ ପ୍ରକାର ଖାଦ୍ୟ ଏକାଠି ଖାଇବା । ଏକ ସଙ୍ଗରେ କେଉଁ କେଉଁ ଖାଦ୍ୟ ଗ୍ରହଣ କଲେ ଆମ ପାଇଁ କ୍ଷତିକାରକ ଚାଲନ୍ତୁ ସେ ସଂପର୍କରେ ଜାଣିବା । ପ୍ରଥମତଃ ଆଳୁ ସହିତ ଭାତ ଖାଇବା ଉଚିତ ନୁହେଁ । ଏହା ଦ୍ୱାରା ଅର୍ଶ ଦେଖାଯିବାର ସମ୍ଭାବନା ଅଧିକ ଥାଏ । ବାଇଗଣ ଭର୍ତ୍ତା ସହିତ କ୍ଷୀର ଆଦୌ ଖାଆନ୍ତୁ ନାହିଁ । ଆଇସକ୍ରିମ ଖାଇ ସାରିବା ପରେ ସଂଗେ ସଂଗେ ଗୁପଚୁପ୍ ଖାଆନ୍ତୁ ନାହିଁ । ଥଣ୍ଡା ପାନୀୟ ପିଇବା ପୂର୍ବରୁ ପିପରମେଣ୍ଟ ଖାଇବା ଭଳି ଭୁଲ ଆଦୌ କରନ୍ତୁ ନାହିଁ । ଏହା ଶରୀରରେ ଏସିଡିଟି ବା ଅମ୍ଳତ୍ୱ ବଢାଇବାରେ ସହାୟକ ହୋଇଥାଏ । ଏହାଦ୍ୱାରା ଖାଦ୍ୟ ହଜମ ହୋଇପାରେ ନାହିଁ ।

## ମାତୃଗର୍ଭରୁ ଶିଶୁ ମୁଖଭଙ୍ଗୀ ଶିଖିଥାନ୍ତି

ଶିଶୁମାନେ ମାତୃଗର୍ଭରୁ ହିଁ ଯନ୍ତ୍ରଣାକୁ ମୁଖଭଙ୍ଗୀ ଦ୍ୱାରା ପ୍ରକାା କରିବ ଶିଖିଥାନ୍ତି । ଏକ ଗବେଷଣାରୁ ଏହି ତଥ୍ୟ ସାମନାକୁ ଆସିଛି । ଡୁରାମ୍ ଏବଂ ଲାନ୍‌କାଷ୍ଟର ବିଶ୍ୱବିଦ୍ୟାଳୟର ଗବେଷକ ମାନେ କହିଛନ୍ତି ଯେ, ଗର୍ଭସ୍ଥ ଶିଶୁଙ୍କ ଏହି ପ୍ରତିକ୍ରିୟା ପଳରେ ଡାକ୍ତରମାନେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଜାଣିବା ସହଜ ହେବ । ୧୫ ଗର୍ଭସ୍ଥ ଶିଶୁଙ୍କ ୪ଡି ସ୍କାନ୍‌ରୁ ଜଣାପଡିଛି ଯେ ୨୪ ସପ୍ତାହରୁ ଶିଶୁମାନେ ସାମାନ୍ୟ ପ୍ରତିକ୍ରିୟା ଦେଖାଇଥାନ୍ତି । ଉଦାହରଣସ୍ୱରୂପ-ଓଠ ଖୋଲି ହସିବା । କିନ୍ତୁ ମାଙ୍କ ଗର୍ଭାବସ୍ଥାରେ ୩୬ ସପ୍ତାହ ପରେ ବିଭିନ୍ନ ପ୍ରତିକ୍ରିୟା ଦ୍ୱାରା ଯନ୍ତ୍ରଣା ଅନୁଭବ କରୁଥିବା ଦର୍ଶାଇଥାନ୍ତି । ଏହା ଏକ ପ୍ରକ୍ରିୟା ଯାହାଦ୍ୱାରା ଗର୍ଭସ୍ଥ ଶିଶୁ ଜନ୍ମ ପରେ ଯୋଗାଯୋଗ କରିବାକୁ ପ୍ରସ୍ତୁତ ହୁଏ । ଶିଶୁକୁ ଭୋକ କିମ୍ବା ଆଖଡୁଆ ଲାଗିଲେ ମୁଖବିକୃତି କରନ୍ତି କିମ୍ବା କାନ୍ଦନ୍ତି । ଗବେଷକମାନେ ୪ଡି ସ୍କାନ୍‌ର ଭିଡିଓ ଫୁଟେଜ୍ ସାହାଯ୍ୟରେ ଗର୍ଭସ୍ଥ ଆଠ ପୁତ୍ର ଓ ୭ କନ୍ୟା ଶିଶୁ (ଗର୍ଭଧାରଣର ୨୪ରୁ ୩୬ ସପ୍ତାହ)ଙ୍କ



ମୁଖଭଙ୍ଗୀ ଉପରେ ପରୀକ୍ଷା କରିଥିଲେ । ୨୪ ସପ୍ତାହର ଶିଶୁଠାରେ କ୍ୱଚିତ୍ ଯନ୍ତ୍ରଣା ମୁଖ ଯଥା- ଭ୍ରୁଲତା ତଳକୁ କରିବା, ନାକ ଟେକିବା ଏବଂ ପାଟି ପ୍ରସାରଣ କରିବା ଆଦି ପରିଲକ୍ଷିତ ହୋଇ ଥିଲା । କିନ୍ତୁ ୩୬ ମାସର ଶିଶୁଙ୍କଠାରେ ଚାରିପ୍ରକାର ମୁଖଭଙ୍ଗୀ ଦେଖିବାକୁ ମିଳିଥିଲା । ଶିଶୁଙ୍କ କ୍ଷେତ୍ରରେ ଯନ୍ତ୍ରଣାକୁ ମୁଖଭଙ୍ଗୀ ଦ୍ୱାରା ପରିପ୍ରକାଶ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାଦ୍ୱାରା ସେମାନେ ଯନ୍ତ୍ରଣା ଅନୁଭବ କରୁଥିଲେ କିମ୍ବା ସେମାନଙ୍କୁ ଅଡୁଆ ଲାଗୁଥିଲେ ଅଭିଭାବକ ମୁଖଭଙ୍ଗୀ ଦେଖି ଜାଣିପାରିବେ । ସେହିପରି ସୁସ୍ଥ ଶିଶୁ ଗୁରୁତ୍ୱପୂର୍ଣ୍ଣ ଭଙ୍ଗୀ ମାତୃଗର୍ଭରୁ ଶିଖିଥାନ୍ତି ବୋଲି ଡୁରାମ୍ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗର ଡ. ନଡଜା ରିସ୍‌ଲାଣ୍ଡ କହିଛନ୍ତି । ତେବେ ଗର୍ଭସ୍ଥ ଶିଶୁ ପ୍ରକୃତରେ ଯନ୍ତ୍ରଣା ଅନୁଭବ କରନ୍ତି ନାହିଁ କିମ୍ବା ମୁଖଭଙ୍ଗୀରୁ ସେମାନେ ଅନୁଭବ କରୁଥିବା କଥା ସତ କି ନୁହେଁ, ତାହା ଏପର୍ଯ୍ୟନ୍ତ ଜଣାପଡି ନାହିଁ । ସେ ଯାହା ହେଉନା କାହିଁକି ଗର୍ଭସ୍ଥ ଶିଶୁଙ୍କ ମୁଖଭଙ୍ଗୀ ମସ୍ତିଷ୍କ ପରିପକ୍ୱତାକୁ ଦର୍ଶାଯାଇଥାଏ ବୋଲି ରିସ୍‌ଲାଣ୍ଡ କହିଛନ୍ତି । ଉପରୋକ୍ତ ଗବେଷଣା ବିଷୟରେ ପ୍ଲସ୍ ୱାନ୍ ପତ୍ରିକାରେ ପ୍ରକାଶ ହୋଇଛି ।

## ଶନିର ଉପଗ୍ରହରେ ଅମ୍ଳଜାନର ସନ୍ଧାନ

ଶନି ଗ୍ରହର ଚନ୍ଦ୍ର ବା ଉପଗ୍ରହ ଡିୟୋନରେ ଅମ୍ଳଜାନର ସନ୍ଧାନ ମିଳିଛି । ଲସ ଆଲାମୋସ ଜାତୀୟ ପରୀକ୍ଷାଗାରର ଗବେଷକମାନେ ଡିୟୋନର ବାହ୍ୟ ବାତାବରଣରେ ଅମ୍ଳଜାନ ଅଣୁର ସନ୍ଧାନ



ପାଇଥିବା ଦାବି କରିଛନ୍ତି । ଶନି ଗ୍ରହର ୬୨ଟି ଛୋଟ ବଡ ଉପଗ୍ରହର ମଦ୍ରରେ ଡିୟୋନ ଅନତମ । ୧୬୮୪ ମସିହାରେ ସେଇଟି ଆବିଷ୍କୃତ ହୋଇଥିଲା । ଉଲ୍ଲେଖନୀୟ ଯେ ଡିୟୋନ-ଶନି ଭିତରେ ଦୂରତା ପୃଥିବୀ-ଚନ୍ଦ୍ର ସହ ସମାନ । ୨୦୧୦ ରେ ନାସା ପ୍ରଥମେ ଡିୟୋନରେ ଅମ୍ଳଜାନର ଉପସ୍ଥିତି ସଂପର୍କରେ ସୂଚନା ଦେଇଥିଲା । ଏବେ ପ୍ରଥମ ଥର ପାଇଁ ତାହା ପ୍ରମାଣିତ ହୋଇଛି ।

## ଗ୍ରୀନ୍ କଫି ପିଅନ୍ତୁ, ଓଜନ କମାନ୍ତୁ

ଆଜିକାଲି ମେଦବହୁଳତା ବା ମୋଟାପଣ ଏକ ସମସ୍ୟା । ଯାହା ମଧ୍ୟ ଚିନ୍ତାର କାରଣ ହୋଇଥାଏ । କିଏ କେତେ ପ୍ରକାରର ଉପଚାର ପାଇଁ କହିଥାନ୍ତି । ତଥାପି ମୋଟାପଣ କମି ନଥାଏ କି ଓଜନ ହ୍ରାସ ମଧ୍ୟ ହୋଇନଥାଏ । ହେଲେ ଗ୍ରୀନ୍ କଫି ପିଅନ୍ତୁ ଅଳ୍ପ ଦିନରେ ଆପଣ ପତଳା ହୋଇଯିବେ ଆଉ ଶରୀରର ଓଜନ ମଧ୍ୟ କମିଯିବ । ଗ୍ରୀନ୍ କଫିରେ ରହିଥିବା ପ୍ରାକୃତିକ ପଦାର୍ଥ ବେଶ୍ ଗୁଣକାରୀ । ୧ମାସ ବା ୩୦ ଦିନ ପର୍ଯ୍ୟନ୍ତ ଏହା ସେବନ କଲେ ବଡ଼ି ମାସ ଇଣ୍ଡେକ୍ସ (ବି.ଏମ୍.ଆଇ) ୪.୪୫ ହ୍ରାସ ପାଇବ । ଏଥିପାଇଁ ଡାଏଟ୍ କଂଟ୍ରୋଲର ମଧ୍ୟ ଆବଶ୍ୟକତା ନାହିଁ । ଗ୍ରୀନ୍ କଫି ଉପରେ ଗବେଷଣା କରି ବ୍ରିଟେନ୍‌ର ଗବେଷକମାନେ ଏହି ତଥ୍ୟ ଜାଣିପାରିଛନ୍ତି । ସେମାନଙ୍କ ମତରେ ଦୁଇ ସପ୍ତାହ ପର୍ଯ୍ୟନ୍ତ ବ୍ରେକ୍‌ଫାଷ୍ଟରେ ଗୋଟିଏ କପ୍ ଗ୍ରୀନ୍ କଫି ପିଇଲେ ବି.ଏମ୍.ଆଇ ସ୍ତରରେ ୩.୫ ହ୍ରାସ ଘଟିବ । ଗୋଟିଏ କପ୍ ଗ୍ରୀନ୍ କଫିରେ ୬ ରୁ ୧୦ ପ୍ରତିଶତ ପ୍ରାକୃତିକ କ୍ଲୋରୋଜେନିକ୍ ଏସିଡ୍ ଥାଏ । ଯାହା ଶରୀରରେ ଥିବା



ମେଟାବୋଲିଜିମ୍‌କୁ ନିୟନ୍ତ୍ରଣ କରିଥାଏ ଓ ଓଜନ ହ୍ରାସ କରିବାରେ ବିଶେଷ ଭାବରେ ସହାୟକ ହୋଇଥାଏ । ତେଣୁ ଗ୍ରୀନ୍ କଫି ପିଇ ନିଜର ମୋଟାପଣକୁ ହଟାନ୍ତୁ ଓ ଓଜନ କମାନ୍ତୁ । ଗ୍ରୀନ୍ କଫି ଯେ ଆମ ପାଇଁ କେତେ ଉପକାରୀ ତାହା ଜାଣି ରଖନ୍ତୁ ।

## ମୋଗଲାଇ ଆଳୁ

**ସାମଗ୍ରୀ:** ୩ଟି ଚୋପଛଡା ଆଳୁ, ଅଧ କପ ଦହି, ୧ ବଡ ଚାମଚ ଗୁଆଘିଅ ୨ଟି ବଡ ପିଆଜ, ୧ ଚାମଚ ଜିରା ଗୁଣ୍ଡ, ୧ ଚାମଚ ଲଙ୍କା ଗୁଣ୍ଡ, ଟିକିଏ ହଳଦି ଗୁଣ୍ଡ, ଅଧ କପ୍ କଂଚା ମଟର ମଂଜି, ୧ ଚାମଚ କ୍ରିମ ଅଧ କପ ଚିନି ଲୁଣ ।

**ମସଲାଁ ସାମଗ୍ରୀ:** ୪ଟି ଲବଙ୍ଗ, ୨ ଚାମଚ ନଡିଆ ଗୁଣ୍ଡ, ୧ ଚାମଚ ଚୋପାଛଡା ରାଶି, ୧ଟି ଗୁଜରାତି, ୨ଟି କଂଚାଲଙ୍କା, ୨କୋଳା ରସୁଣ, ୧ ଚାମଚ ଛେଚା ଅଦା ।



ପଦ୍ଧତି ମସଲା ସାମଗ୍ରୀଗୁଡିକୁ ଏକାଠି ବାଟି ରଖନ୍ତୁ । ଆଳୁଗୁଡିକୁ ବଡ ବଡ ଖଣ୍ଡରେ କାଟି ଥଣ୍ଡା ପାଣିରେ ବୁଡାଇଦିଅନ୍ତୁ । କିଛି ସମୟ ପରେ ପାଣିରୁ ବାହାର କରି ଦହି, ବଟା ମସଲା ଏବଂ ଲୁଣ ଗୋଳାଇ ଏକ ଘଣ୍ଟା ରଖି ଦିଅନ୍ତୁ । ପିଆଜ ଦୁଇଟିକୁ ଛେଚି କଡେଇରେ ଘିଅ ଗରମ କରି ଭାଜନ୍ତୁ । ପିଆଜର ରଙ୍ଗ ବଦଳିଗଲେ ଧନିଆ, ଜିରା, ଲଙ୍କା ଏବଂ ହଳଦି ଭାବେ ସିଝିବା ଯାଏଁ ଚୁଲିରେ ସାନ୍ତୁ । ତାହା ପରେ ମଟର, କ୍ରିମ ଏବଂ ଚିନି ପକାନ୍ତୁ । ମଟର ନରମ ହୋଇଗଲେ ଚୁଲିରୁ ଓହ୍ଲାଇ ଉଷ୍ମ ଥିବା ଅବସ୍ଥାରେ ପରିବେଷଣ କରନ୍ତୁ ।

## ଆଜି କେମିତି କଟିବ

| | |
|---|---|
|  ମେଷ | ଅଯଥା ସମୟ ନଷ୍ଟ କରନ୍ତୁ ନାହିଁ । ଶତୃ ପ୍ରବଳ ଭାବରେ ଲାଗିବେ । ମାଲିମୋକଦ୍ଦମାରେ ଭୟ ଅଛି । ମହିଳାମାନେ ସତବନ୍ଧୁଙ୍କ ସହଯୋଗ ପାଇବେ । ବିନା ଦୋଷରେ ଅପବାଦ ପାଇପାରନ୍ତି । ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରେ ଶକ୍ତ ଧକା ପାଇବେ । |
|  ବୃଷ | ସାମାନ୍ୟ ଚେଷ୍ଟାରେ ମଧ୍ୟ ଉପକୃତ ହୋଇପାରନ୍ତି । ସ୍ୱାର୍ଥଜଡିତ କର୍ମରେ ଆଗଭର ହୋଇ ଅପମାନିତ ହୋଇପାରନ୍ତି । କର୍ମ ସଂସ୍ଥାରେ ଲାଭବାନ ହେବେ ଛାତ୍ରଛାତ୍ରୀମାନେ ଉଚ୍ଚ ଶିକ୍ଷାପ୍ରତି ଆଗ୍ରହୀ ହେବେ । ଆଜି ଦିନର ଦ୍ୱିତୀୟାର୍ଦ୍ଧରେ ବିପଦ ଅଛି । |
|  ମିଥୁନ | ମାନସିକ ପୂର୍ତ୍ତି ହେବା ଅସମ୍ଭବ । କର୍ମକ୍ଷେତ୍ରରେ ଅପବାଦ ତଥା ଅଘଟଣ ଘଟିବାର ସମ୍ଭାବନା । ଦୂରାନ୍ତର ଯୋଗ ଅଛି । ମହିଳାମାନେ ଅସୁସ୍ଥତା କଷ୍ଟ ଭୋଗି ପାରନ୍ତି । ଛାତ୍ରଛାତ୍ରୀମାନେ ଶିକ୍ଷା ପ୍ରତି ମନ ବଳାଇବେ । |
|  କର୍କଟ | ପ୍ରଶଂସିତ ହେବାର ସୁଯୋଗ ଆସିବ । ସାମାନ୍ୟ ଘଟଣାକୁ ତତ୍‌କ୍ଷଣାତ ସମାଧାନ କରିବାକୁ ଚେଷ୍ଟା କରିବେ । ନୂତନ ଯାନବାହନ କିଣିବାର ସୁଯୋଗ ଆସିବ । ଛାତ୍ରଛାତ୍ରୀମାନେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ପ୍ରଶଂସିତ ହେବେ । |
|  ସିଂହ | ପିତୃ କର୍ମ ପ୍ରତି ବିମୁଖ ହୋଇପାରନ୍ତି । ନିଜ କର୍ମରେ ନିଜେ ଅପମାନିତ ହୋଇପାରନ୍ତି । ମହିଳାମାନେ ରକ୍ତ ଚାପ ରୋଗରେ ପୀଡିତ ହୋଇପାରନ୍ତି । ଦୁର୍ଘଟଣାର ଭୟ ଅଛି । ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରେ ଅବହେଳା କରିପାରନ୍ତି । |
|  କନ୍ୟା | ବିଦେଶ ଯିବାର ସମ୍ଭାବନା ଅଛି । କୌଣସି ଅନୁଷ୍ଠାନର ସୁବିଧା ପାଇ ଉପକୃତ ହେବେ । ନୂତନ ଦାୟିତ୍ୱ ନେବାର ଯୋଗ ଅଛି । ମହିଳାମାନେ ବନ୍ଧୁ ସହାଯ୍ୟରେ ଜମିବାଡିର ଲାଭ ଅଛି । ଛାତ୍ରଛାତ୍ରୀମାନେ ଉପକୃତ ହେବାର ଆଶା ଅଛି । |
|  ତୁଳା | ବନ୍ଧୁମାନେ ବିପଦରେ ପକାଇ ପାରନ୍ତି । କର୍ମକ୍ଷେତ୍ରେ ଅଯଥା କଳହ ସୃଷ୍ଟି ହେବ । ଚୋରୀ ଭୟ ଅଛି । କୌଣସି କ୍ଷେତ୍ରରେ ଦାୟିତ୍ୱ ନେଇ ପାରନ୍ତି । ଶରୀର ଖରାପ ହେବାର ସମ୍ଭାବନା । ଗୋଡ ହାତ ଜଳା ପୋଡା ହେବ । ଛାତ୍ରଛାତ୍ରୀମାନେ ଗୁରୁଜନ ଉପଦେଶକୁ ମାନିବେ । |
|  ବିଛା | ନୂତନ ଚିନ୍ତାରେ ଭାବପ୍ରବଣ ହେବା ବିପଦ ନିଜକୁ ସଞ୍ଜମ କରିବା ଉଚିତ । ନଚେତ ବିପଦକୁ ଡାକି ପାରନ୍ତି । ଆଜି ଦିନଟି ଆପଣଙ୍କୁ ଅଳସୁଆ ଲାଗିବ । ପ୍ରେମ ଜନିତ ଘଟଣାରେ ଅତିଷ୍ଟ ହେବେ । |
|  ଧନୁ | କର୍ମକ୍ଷେତ୍ରରେ ଅସହଯୋଗ ଅଛି । ସବୁ ଥାଇ ନଥିଲା ଭଳି ଲାଗିବ । ପୁତ୍ର ସନ୍ତାନମାନେ ଗୁରୁଜନମାନଙ୍କୁ ନ ପଚାରି ପାରନ୍ତି । ଗୁପ୍ତ ଶତ୍ରୁମାନେ କର୍ମକ୍ଷେତ୍ରରେ ବିପଦ ସୃଷ୍ଟି କରନ୍ତି । ଛାତ୍ରଛାତ୍ରୀମାନ ଶିକ୍ଷା କ୍ଷେତ୍ରରେ ଅସମ୍ମାନିତ ହେବାର ସମ୍ଭାବନା । |
|  ମକର | ବହୁ ଦିନ ପରେ ପୁରୁଣା ସାଙ୍ଗ ବା ବନ୍ଧୁଙ୍କୁ ପାଇ ଖୁସିହେବେ । ବନ୍ଧୁ ଜଣଙ୍କ କର୍ମକ୍ଷେତ୍ରରେ ସାହାଯ୍ୟ କରିବେ । ଦାୟିତ୍ୱ ନେଇ ଲାଭବାନ ହେବାର ଯୋଗଅଛି । ମହିଳାମାନେ ଅସୁସ୍ଥତାରୁ ମୁକ୍ତି ପାଇପାରନ୍ତି । ଛାତ୍ରଛାତ୍ରୀମାନେ ଉପକୃତ ହେବେ । |
|  କୁମ୍ଭ | ସହଯୋଗ ପାଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ବ୍ୟବସାୟରେ ହଠାତ୍ ଲାଭର ସୁଯୋଗ ଅଛି । ମହିଳାମାନେ ପୁତ୍ର ପାଇଁ ଚିନ୍ତିତ ହେବାର ଜଣାଯାଏ । ବିଦେଶ ଗ୍ରସ୍ତ କରିବାର ଯୋଗ ଅଛି । |
|  ମୀନ | କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ନେବେ । ତିର୍ଥ ଯାତ୍ରାର ଯୋଗ ଅଛି । ମହିଳାମାନେ ପୁରୁଣା କଥାକୁ ମନେପକାଇ ମନସ୍ତାପ କରିବେ । ଅର୍ଥାଭାବ ଦେଖାଦେବ । ଛାତ୍ରଛାତ୍ରୀମାନେ ମଉଜମଜିଲିସରେ ସମୟ କାଟିବେ । |

## ଚିନ୍ତା ଦୂର କରିବ ସ୍ମାର୍ଟ ଫୋନ୍

*ଯଦି ଆପଣ ଚିନ୍ତାରେ ରହୁଛନ୍ତି, ଚିନ୍ତା ମୁକ୍ତ ରହନ୍ତୁ । ଆପଣଙ୍କ ସମସ୍ୟାର ସମାଧାନ ହୋଇଗଲା ବୋଲି ଜାଣନ୍ତୁ। ଆମେରିକାର ନର୍ଥୱେଷ୍ଟ ୟୁନିଭର୍ସିଟିର ଫିନବର୍ଗ ସ୍କୁଲ ଅଫ୍ ମେଡିସିନ୍ ସେଣ୍ଟରର ବୈଜ୍ଞାନିକମାନେ ଏପରି ଏକ ସ୍ମାର୍ଟଫୋନ୍ ପ୍ରସ୍ତୁତ କରିବାରେ ଲାଗିଛନ୍ତି। ଏହି ଫୋନ୍ ଆପଣଙ୍କ ଚିନ୍ତାର କାରଣ ଜାଣିବା ସହ ତାହା ଦୂର କରିବାରେ ସହାୟକ ହେବ। ଚିନ୍ତା, ବିଶାଦ, ଅବସାଦ ତଥା ଅନ୍ୟ ମାନସିକ ରୋଗରୁ ମୁକ୍ତି ପାଇବା ପାଇଁ ୱେବ୍ ଆଧାରିତ ମୋବାଇଲ ଓ କୌଶଳ ବିକାଶରେ ବ୍ୟସ୍ତ ଅଛନ୍ତି ସେମାନେ। ଏହାଦ୍ୱାରା ସବୁ ବର୍ଗ ଓ ସବୁପିଢ଼ିର ଲୋକଙ୍କୁ ମାନସିକ ରୋଗରୁ ମୁକ୍ତି ମିଳିବ ବୋଲି ନର୍ଥୱେଷ୍ଟ ଫିନବର୍ଗ ସ୍କୁଲର ମନୋବୈଜ୍ଞାନିକ ଡେଭିଡ୍ ମୋହର ଦାବି କରିଛନ୍ତି। ଏହି ଉପକରଣର ମୂଲ୍ୟ ମଧ୍ୟ କମ୍ ହେବ ବୋଲି ୟୁନିଭର୍ସିଟି ପକ୍ଷରୁ ସୂଚନା ମିଳିଛି।*

## ଚଉଶିଙ୍ଘା ହରିଣ

ଚଉଶିଙ୍ଘା ହରିଣ ସାତକୋଶିଆ ଜଙ୍ଗଲର ଏକ ବିଶେଷ ବୈଚିତ୍ରା ଓଡିଶାର ଅନ୍ୟ ବିବିଧ(ମିଶ୍ରିତ) ଜଙ୍ଗଲରେ ଏହି କିସମର ହରିଣ ସାଧାରଣତଃ ଦେଖାଯାନ୍ତି ନାହିଁ ଏହି ଜଙ୍ଗଲରେ ଦେଖାଦେଉଥିବା କୁଟୁରାମାନଙ୍କର ସାଧାରଣତଃ ଶିଙ୍ଘ ନଥାଏ। କିନ୍ତୁ ଅନୁଗୁଳର ଏକ ବିଶେଷ ପ୍ରକାରର କୁଟୁରା ମୁଣ୍ଡରେ ଚାରୋଟି ଶିଙ୍ଘ ଥିବା କଥା ପରିଲକ୍ଷିତ ହୁଏ। ଏହି ପ୍ରଜାତିର କୁଟୁରା ଛୁଆଟିକୁ ୯ ମାସ ଅତିକ୍ରମ କଲାପରେ ପ୍ରଥମେ ଗୋଟିଏ ଧାଡିରେ ଦୁଇଟି ଏବଂ ପରେ ପଛଧାଡିରେ ଅନ୍ୟ ଦୁଇଟି ଶିଙ୍ଘ ଖପୁରୀ ପାଖରୁ କଅଁଳି ଥାଏ। ଏହି ବର୍ଗର କୁଟୁରାଙ୍କର ହରିଣ ପରି ଶିଙ୍ଘଥାଏ ଏବଂ ସେମାନଙ୍କ ଶିଙ୍ଘ ସଂଖ୍ୟା ୪ ବୋଲି ସେମାନଙ୍କୁ ଚଉଶିଙ୍ଘା ହରିଣ ବୋଲି ନାମକରଣ କରାଯାଇଛି। ଅନୁଗୁଳର ତଳି ଜଙ୍ଗଲଠାରୁ ଆରମ୍ଭ କରି ସାତକୋଶିଆର ନିଘଞ୍ଚ ଜଙ୍ଗଲରେ ହଜାର ହଜାର ସଂଖ୍ୟାରେ ଏହି ହରିଣ ଦେଖାଦେଉଥିଲେ। ମାତ୍ର ଏମାନଙ୍କର ବଡ ଦଳ ଆଉ ସାଧାରଣ ଜଙ୍ଗଲରେ ଦୃଶ୍ୟମାନ ହେଉନାହାଁ କେବଳ ରାଇଗୋଡା, ବାନ୍ଧଣବାଙ୍କ ଏବଂ ମାଣିକଯୋଡି ଆଦି ଘଞ୍ଚ ଜଙ୍ଗଲରେ ଏମାନଙ୍କୁ ଯାହା ଦେଖିବାକୁ ମିଳୁଛି। ତାହା ପୁଣି କମ୍ ସଂଖ୍ୟାରେ ।

## ମୃତ୍ୟୁ ପାଇଁ ଆଫିଡେଭିଟ

ବିହାରର କଟିହାରର ମାଛଧରାଳିମାନେ ସେମାନଙ୍କ ମୃତ୍ୟୁ ଆଫିଡେଭିଟ୍ ପ୍ରସ୍ତୁତ କରିଛନ୍ତି । ପେଟ ଚାଖଣ୍ଡକ ପାଇଁ ମଣିଷ କଣ ସବୁ ନ କରୁଛି । ଏଇ ଯେମିତି ବିହାରର କିଛି ମାଛଧରାଳି କୋର୍ଟଙ୍କ ଆଗରେ ରଖିଥିଲେ ଇଚ୍ଛା ମୃତ୍ୟୁର ଆଫିଡେଭିଟ୍ ଏବଂ କୋର୍ଟ ମଧ୍ୟ ସେଥିରେ ମୋହର ଲଗାଇ ଦେଇଛନ୍ତି । ସେମାନେ ପ୍ରତିଦିନ ମହାନନ୍ଦା ନୀଦକୁ ଯାଆନ୍ତି ମାଛ ଧରିବାକୁ । ପାଖାପାଖି ଅଧଘଣ୍ଟା ପର୍ଯ୍ୟନ୍ତ ସେମାନେ ୧୦୦ ଫୁଟ୍ ଗଭୀରକୁ ଯାଇ ମାଛ ଧରନ୍ତି । ତାହା ପୁଣି ପଥର ସହାୟତାରେ । ଏହା ସେମାନଙ୍କ ପାଇଁ ନିତିଦିନିଆ କଥା ଯଦିବି ସେମାନେ ଏହି ନଦୀରେ ବୁଡି ପ୍ରାଣ ହରାନ୍ତି ସେଥିପାଇଁ ସେହିମାନେ ହିଁ ଦାୟୀ ବୋଲି ଏକ ଆଫ୍ରିଡେଭିଟ୍ କରି କୋର୍ଟଙ୍କ ଆଗରେ ରଖିଥିଲେ ଏବଂ କୋର୍ଟ ମଧ୍ୟ ସେମାନଙ୍କ ଆଫିଡେଭିଟରେ ମାରିଛନ୍ତି ମୋହର । ଜୀବନକୁ ବାଜି ଲଗାଇ ମାଛ ମାରୁଥିବା ଏହି ମାଛ ଧରାଳିଙ୍କ ଏଭଳି ନିଷ୍ପତ୍ତି କେତେ ଠିକ୍ ଏବଂ ସେମାନଙ୍କ ଆଫିଡେଭିଟକୁ ମାନିନେବା କେତେ ଯୁକ୍ତିଯୁକ୍ତ ।



## ଯେଉଁଠି ସୂର୍ଯ୍ୟାସ୍ତ ହେଲେ ଘୂରିବୁଲନ୍ତି ଆତ୍ମା



'ଆତ୍ମା' ଶବ୍ଦଟି ଶୁଣିଲେ ମନ ଶିହରୀ ଉଠେ। କେହି କେହି ଏହି ଅଦୃଶ୍ୟ ଶକ୍ତିକୁ ଅନୁଭବ କରିଥିବାର ଦୃଢ଼ୋକ୍ତି ବାଢ଼ୁଥିବା ବେଳେ ଆଉ କେତେକ ଏହି ଆତ୍ମାମାନଙ୍କୁ ଦେଖିଥିବାର ଦାବି କରନ୍ତି। ଏହି ଆତ୍ମା ବିଷୟରେ କୁହାଯାଉଥିବା କଥାରେ କେତେ ସତ୍ୟତା ରହିଛି ସେ ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଥାଏ। ଯଦି ଆପଣ ଏମିତି ଏକ ଜାଗାରେ ପହଞ୍ଚି ଯାଆନ୍ତି, ଯେଉଁଠାରେ ଆପଣ ଏମିତି କିଛି ଅଦୃଶ୍ୟ ଶକ୍ତି ଥିବାର ଅନୁଭବ କରିବେ ବା ତାକୁ ଦେଖିପାରିବେ। ଆଉ ସେହି ଶକ୍ତି ଅଖଣ୍ଡ କ୍ଷମତାର ଅଧିକାରୀ ହୋଇଥିବା ତେବେ ଥରେ ଚିନ୍ତା କଲେ କେତେ ଭୟଙ୍କର ପରିସ୍ଥିତି ଉପୁଜିବ!

ସିଙ୍ଗାପୁରରେ ଏଭଳି ଏକ ଡାକ୍ତରଖାନା ରହିଛି। ଏହା ଜାପାନୀ ସୈନିକଙ୍କ ଚିକିତ୍ସା ପାଇଁ ତିଆରି ହୋଇଥିଲା। ଆସନ୍ତୁ ଯିବା ମୃତ୍ୟୁର ଏଭଳି ଏକ ଭୟଙ୍କର ରାସ୍ତାରେ.. ଯେଉଁଠାରେ ଆପଣ ପୁରୁଣା ଚଙ୍ଗି ଡାକ୍ତରଖାନା ବିଷୟରେ ଜାଣିବେ। ୧୯୩୦ରେ ଚଙ୍ଗି ଡାକ୍ତରଖାନା ନିର୍ମାଣ ହୋଇଥିଲା। ଏହାକୁ ନାର୍ଥବନ୍ ରୋଡ଼ ପାର୍ଶ୍ୱରେ ଚଙ୍ଗି ଗାଁରେ ତିଆରି କରାଯାଇଥିଲା। ସେଥିପାଇଁ ଏହାକୁ ଚଙ୍ଗି ଡାକ୍ତରଖାନା ବୋଲି କୁହାଯାଏ। ସେତେବେଳେ ଏହା ଏକ ମିଲିଟାରୀ ଡାକ୍ତରଖାନା ଭାବେ ପରିଚିତ ଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସିଙ୍ଗାପୁରର ଏହି ଡାକ୍ତରଖାନାକୁ ଆଖପାଖର ଜାପାନୀ ସୈନିକମାନଙ୍କୁ ଚିକିତ୍ସା ପାଇଁ ନିଆଯାଉଥିଲା। ହେଲେ ଡାକ୍ତରଖାନା ପରିସରରେ ଏଥିପାଇଁ ଆବଶ୍ୟକ ପରିମାଣର ସୁବିଧା ନଥିଲା। ଫଳରେ ଦୈନିକ ବହୁ ସଂଖ୍ୟାରେ ସୈନିକ ମୃତ୍ୟୁବରଣ କରୁଥିଲେ। କିଛିଦିନ ଏହିପରି ଚାଲିବା ପରେ ଏଠାରେ ଏକ ଭୟଙ୍କର ରୋଗ ସୃଷ୍ଟି ହୋଇଥିଲା। ପରିସ୍ଥିତି ଏପରି ହେଲା ଯେ ସେଠାରେ କାମ କରୁଥିବା ଦୁଇଜଣ ନର୍ସ ଏବଂ ଜଣେ ଡାକ୍ତର ମଧ୍ୟ ଏହି ରୋଗର ଶିକାର ହୋଇଥିଲେ। କୁହାଯାଏ ଯେ ଏହି ମୃତ ସୈନିକମାନଙ୍କର ଆତ୍ମା ଏହି ଡାକ୍ତରଖାନା ପରିସରରେ ଅତୃପ୍ତ ଅବସ୍ଥାରେ ଘୂରିବୁଲୁଛନ୍ତି। ଅନେକ ସମୟରେ ଏହି ଡାକ୍ତରଖାନା ପରିସରରୁ ଉଚ୍ଚସ୍ୱରରେ ହସର ଶବ୍ଦ ମଧ୍ୟ ଶୁଭେ। ଡାକ୍ତରଖାନା ପରିସରରେ ଅନେକ ନର୍ସଙ୍କ ଛାଇ ମଧ୍ୟ ଅନୁଭବ କରିଛନ୍ତି। ଆଉ କେହି କେହି ଏହି ଡାକ୍ତରଖାନାରେ ଜଣେ ଚୌକିଦାର ସହ କଥାବାର୍ତ୍ତା କରିଛନ୍ତି ବୋଲି ଦାବିକ ରନ୍ତି। ହେଲେ ସେହି ଚୌକିଦାର ଜଣକ ଦୀର୍ଘ ବର୍ଷ ହେବ ମୃତ୍ୟୁବରଣ କରିଛନ୍ତି ।